# Akashvani, Sambalpur

## SAMBALPURI NEWS EVENING BULLETIN

**8 January 2025- 7.02 pm- 7.12 pm.**

***********************************************

୧- ଭୁବ୍‌ନେଶ୍ୱର୍ ଜନ୍‌ତା ମଇଦାନ୍ ଠାନେ ମୁଲ୍ ହେଲା ୧୮ ନମ୍ବର୍ ପ୍ରବାସୀ ଭାରତୀୟ ଦିବସ୍ ।

- ଦେଶର୍ ବିକାଶ୍‌ଧାରାଥି ସାମିଲ୍ ହେବାର୍‌କେ ଯୁବ ପ୍ରବାସୀମାନ୍‌କୁ ମୁଖ୍ୟମନ୍ତ୍ରୀ ଆର୍ ବୈଦେଶିକ୍ ବ୍ୟାପାର୍ ମନ୍ତ୍ରୀଙ୍କର୍ ଆହ୍ୱାନ୍ ।

୨- ପ୍ରବାସୀ ଭାରତୀୟ ଦିବସ୍‌ଥି ଯୋଗ୍ ଦେବାର୍‌କେ ଆଏଜ୍ ଓଡ଼ିଶା ଆସୁଛନ୍ ପ୍ରଧାନ୍‌ମନ୍ତ୍ରୀ ।

୩- ବର୍‌ଗଡ଼୍ ଧନୁଯାତ୍ରାଥି ଆଏଜ୍ ଚାଲିଛେ ମହାରାଜ୍ କଂସଙ୍କର୍ ଜନ୍‌ତା ଦର୍‌ବାର୍ ।

ଆଉର୍

୪- ହକି ଇଣ୍ଡିଆ ଲିଗ୍‌ଥି ଆଏଜ୍ ଟିମ୍ ଗୋନାସିକା ଆର୍ ତାମିଲ୍‌ନାଡୁ ଡ୍ରାଗନ୍ସ ଭିତ୍‌ରେ ଚାଲିଛେ ଖେଲ୍ ।

ପ୍ରବାସୀ ଭାରତୀୟମାନେ ଦେଶର୍ ସାଂସ୍କୃତିକ୍ ଦୂତ ଆର୍ ସେମାନେ ସାରା ପୁର୍ଥି ନ ଭାରତର୍ ଗୌରବ୍ ସାଜିଛନ୍ ବଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ । ଭୁବନେଶ୍ୱର ଜନତା ମଇଦାନଠାନେ ୧୮ ନମ୍ବର ପ୍ରବାସୀ ଭାରତୀୟ ଦିବସ ସମାରୋହର୍ ପହେଲା କାର୍ଯ୍ୟକ୍ରମ୍ ଯୁବ ପ୍ରବାସୀ ଭାରତୀୟ ଦିବସ ସମ୍ମିଳନୀଥି ପ୍ରବାସୀ ଭାରତୀୟମାନ୍‌ଙ୍କୁ ସ୍ୱାଗତ୍ କରି କରି ମୁଖ୍ୟମନ୍ତ୍ରୀ କହିଛନ୍, ରାଏଜେ ପହେଲା କରି ହେଇଥିବା ପ୍ରବାସୀ ଭାରତୀୟ ଦିବସ ସମ୍ମିଳନୀ ଆମର୍ ଲାଗି ଗୁଟେ ଅଭୁଲା ସ୍ମୃତି ହେଇକରି ରହେବା । ଓଡ଼ିଶାନ ଟେକ୍ନୋଲୋଜି, ଅକ୍ଷୟ ଶକ୍ତି, ଭିତିଭୂମି ବିକାଶ, ଶିକ୍ଷା ଆର୍ ପର୍ଯ୍ୟଟନ୍‌ର ବିକାଶ ଦିଗେ ସୁଯୋଗ୍ ଭରି ରହିଛେ । ଇ ସବୁ ଦିଗେ ସହଭାଗୀ ହେବାର୍ ସହେତେ ଓଡ଼ିଶାର ସାଂସ୍କୃତିକ୍ ବିନିମୟଥି ଯୁଡ଼ି ହେବାର୍‌କେ ମୁଖ୍ୟମନ୍ତ୍ରୀ ପ୍ରବାସୀ ଭାରତୀୟଙ୍କୁ ଆହ୍ୱାନ୍ କରିଛନ୍ ।

(ଭଏସ୍-ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ)

କାର୍ଯ୍ୟକ୍ରମ୍‌ଥି ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର୍ ଏସ୍.ଜୟଶଙ୍କର, କେନ୍ଦ୍ର ଯୁବ ବ୍ୟପାର ଆଉ କ୍ରୀଡ଼ା ମନ୍ତ୍ରୀ ମନ୍‌ସୁଖ୍ ଏଲ୍. ମାଣ୍ଡବ୍ୟ ଯୋଗ୍ ଦେଇଥିଲେ । ଇ ଉଧେ ମନ୍ତ୍ରୀ

ଶ୍ରୀ ଜୟଶଙ୍କର୍ କହିଛନ୍, ପ୍ରବାସୀ ଭାରତୀୟମାନେ ସବୁବେଲେ ତାଙ୍କ ଜନମ୍ ମାଟିଥି ଆତ୍ମୀୟତା ଦେଖେଇ ଆସିଛନ୍ ।

ଦେଶ୍ ସଙ୍ଗେ ସେମାନଙ୍କର ସହଭାଗିତା ବିକଶିତ ଭାରତ୍ ସପନ୍ ସାକାର୍ କର୍ବାର ଦିଗେ ବଡ୍ ଯୋଗ୍ଦାନ ହେବା ବଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ଜୟଙ୍କର୍ କହିଛନ୍ । କେନ୍ଦ୍ରମନ୍ତ୍ରୀ ଶ୍ରୀ ମାଣ୍ଡବ୍ୟ ଭିଲ୍ ପ୍ରବାସୀ ଭାରତୀୟମାନେ ତାଙ୍କର ଅଭିଜ୍ଞତା ଆଧାର୍ଥି ବିକାଶିତ୍ ଭାରତ୍ ନିର୍ମାଣ ଦିଗେ ଭାଗିଦାର୍ ହେଇପାର୍ବେ ବଲି କହିଛନ୍ ।

(ଭଏସ୍- କେନ୍ଦ୍ରମନ୍ତ୍ରୀ ମନ୍ସୁଖ୍ ମାଣ୍ଡବ୍ୟ)

କାର୍ଯ୍ୟକ୍ରମଥି ପ୍ରବାସୀ ଭାରତୀୟ, ଭିନ୍ ଭିନ୍ ରାଏଜର୍ ବୁଦ୍ଧିଜୀବୀ, ଗବେଷକ, ସାମାଜିକ୍ କର୍ମୀ ଆର୍ ଉଦ୍ୟୋଗୀମାନେ ସାମିଲ୍ ଥିଲେ ।

ଯୁବ ପ୍ରବାସୀ ଭାରତୀୟ ଦିବସ-୨ ଆଇ ଆଣ୍ଡ ପିଆର୍

ପ୍ରବାସୀ ଭାରତୀୟ ଦିବସ ଅବ୍ସରେ ଆଏଜ୍ ଭୁବନେଶ୍ୱରଠାନେ "ଓଡ଼ିଶା ନିବେଶ' ଶୀର୍ଷକ ଗୁଟେ ଆଲୋଚନାଚକ୍ର ହେଇଯାଇଛେ । ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଆର୍ ଓଡ଼ିଶା ସରକାରଙ୍କର୍ ତର୍ଫୁ ହେଇଥିବା ଆଲୋଚନାଚକ୍ରଥି ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର୍ ଏସ୍. ଜୟଶଙ୍କର ଆର୍ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖିଆ କୁନୁଆ ଭାବେ

ଯୋଗ୍ ଦେଇକରି ପ୍ରବାସୀ ଭାରତୀୟମାନଙ୍କୁ ଭାରତର୍ ବିକାଶ ଧାରାଥି ସହଭାଗୀ ହେବାର୍‌କେ ଆହ୍ୱାନ୍ ଦେଇଛନ୍ । ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ସ୍ୱତନ୍ତ୍ର ରାଜ୍ୟ ଗଠନ୍‌ର ଶହେ ବଛର୍ ପୂର୍ତି ଉଧେ ସମୃଦ୍ଧ ଓଡ଼ିଶା ୨୦୩୬ର ଲକ୍ଷ୍ୟ ଉପସ୍ଥାପନ୍ କରିଥିଲେ । ବୈଦେଶିକ ବ୍ୟାପର ମନ୍ତ୍ରୀ ଶ୍ରୀ ଜୟଙ୍କର୍ କହିଛନ୍, ଓଡ଼ିଶାର ଯୁବଶକ୍ତିକେ ଉଚିତ ପ୍ରଶିକ୍ଷଣ ବଲେ ଦକ୍ଷ ମାନବ୍ ସମ୍ବଲ୍ ବନାଯାଇ ପାର୍‌ବା । କେନ୍ଦ୍ର ସର୍‌କାରଙ୍କର୍ ପୂର୍ବୋଦୟ ଅଭିଯାନ୍‌ଥି ଓଡ଼ିଶାର୍ ପର୍ଯ୍ୟଟନ୍ ଉପ୍‌ରେ ଜୋର୍ ଦିଆଯାଇଛେ ବଲି ମନ୍ତ୍ରୀ ଶ୍ରୀ ଜୟଶଙ୍କର୍ କହିଛନ୍ । କାର୍ଯ୍ୟକ୍ରମ୍‌ଥି ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଓଡ଼ିଶାକେ ଦୁନିଆର୍ ଶିଳ୍ପ-କଡ଼ିଥି ସାମିଲ୍ କର୍‌ବାରେ ପ୍ରୟାସ୍ କରାଯିବା ବଲି କହିଛନ୍ ।

ଯୁବ ପ୍ରବାସୀ ଭାରତୀୟ ଦିବସ-୩ ଆଇ ଆଣ୍ଡ ପିଆର୍

ପ୍ରବାସୀ ଭାରତୀୟ ଦିବସ୍ ଉଧେ ଆଏଜ୍ ଭୁବନେଶ୍ୱରଠାନେ "ଓଡ଼ିଶାର ଶ୍ରେଷ୍ଠ ସୁରକ୍ଷିତ ରହସ୍ୟର ଉନ୍ମୋଚନ" ଶୀର୍ଷକ୍ ଆଲୋଚନାଚକ୍ର ହେଇଯାଇଛେ । ଇଥି ଉପମୁଖ୍ୟମନ୍ତ୍ରୀ ଆଉ ପର୍ଯ୍ୟଟନ ମନ୍ତ୍ରୀ ପ୍ରଭାତି ପରିଡ଼ା ଯୋଗ୍

ଦେଇକରି ଓଡ଼ିଶାକେ ବିଶ୍ୱ ପର୍ଯ୍ୟଟନ୍ ଦିଗେ ଆଗୁଆ କର୍‌ବାର୍‌କେ ଚେରେଷ୍ଟା ଜାରି ରହେବା ବଲି କହିଛନ୍ ।

ଯୁବ ପ୍ରବାସୀ ଭାରତୀୟ ଦିବସ-୪ ଆଇ ଆଣ୍ଡ ପିଆର୍

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆର୍ କିଛି ସମିଆ ଉତ୍‌ରୁ ଓଡ଼ିଶା ପୁହୁଁଚୁଛନ୍ । ଶ୍ରୀ ମୋଦୀ ଆଏବାକାଏଲ୍ ଭୁବନେଶ୍ୱର୍ ଜନତା ମଇଦାନ୍ ଠାନେ ପ୍ରବାସୀ ଭାରତୀୟ ଦିବସ୍ ସମାରୋହଥି ଯୋଗ୍ ଦେବେ । ପ୍ରଧାନ୍‌ମନ୍ତ୍ରୀ ଇ ଉଧେ "ଥିମ୍ ପାଭିଲିଅନ୍" ଉଦ୍‌ଘାଟନ୍ କର୍‌ବାର୍ ସହେତେ ପ୍ରବାସୀ ଭାରତୀୟ ଏକ୍ସପ୍ରେସ୍ ଟ୍ରେନ୍‌ର ଶୁଭାରମ୍ଭ କର୍‌ବେ । ଆଏବାକାଏଲ୍ ଉପର୍‌ବେଲା ରେଲ୍‌ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ୍ ବିକଶିତ୍ ଭାରତ୍- ୨୦୪୭କେ ନେଇକରି ପ୍ରବାସୀ ଭାରତୀୟ ମାନ୍‌କର୍ ସାଙ୍ଗେ ଆଲୋଚନା କର୍‌ବେ । ଶୁକ୍ରବାର୍ ଦିନ ଉଦ୍‌ଯାପନୀ ସମାରୋହଥି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଯୋଗ୍ ଦେଇକରି ପ୍ରବାସୀ ଭାରତୀୟମାନ୍‌କୁ ସମ୍ମାନିତ୍ କର୍‌ବେ ।

ଭୁବନେଶ୍ୱର୍ ରାଜଭବନ୍ ଉଦ୍ୟାନ୍ I&PR

ଭୁବନେଶ୍ୱର୍ ରାଜଭବନ୍ ଉଦ୍ୟାନ୍ ଇ ମାସ ୧୩ ନୁ ୨୨ ତାରିଖ୍‌ତକ୍ ସର୍ବସାଧାରଣଙ୍କର୍ ଲାଗି ଖୁଲା ରହେବା ବଲି ନିଷ୍ପତି ନିଆଯାଇଛେ । ମୋବାଇଲ୍ ଆପ୍ ପଞ୍ଜିକରଣ୍ ମାଧ୍ୟମ୍‌ଥି ଲୁକ୍‌କୁ ଭିତର୍‌କେ ଯିବାର୍ ଅନୁମତି ଦିଆଯିବା ଆର୍ ରାଜ୍‌ଭବନ୍ ଉଦ୍ୟାନ୍ ଦେଖିବାର୍ ଲାଗି କେନ୍‌ସି ପ୍ରକାର୍ ପ୍ରବେଶ୍ ଶୁଳ୍କ ଦେବାର୍‌କେ ନାଇଁ ପଡ଼େ ବଲି କୁହାଯାଇଛେ । ଓଡ଼ିଶା ରାଜ୍‌ଭବନ୍ ୱେବ୍‌ସାଇଟ୍‌ଥି ଥିବା କ୍ୟୁଆର୍ କୋଡ୍ ଜରିଏ ମୋବାଇଲ୍ ଆପ୍ ଡାଉନ୍‌ଲୋଡ୍ କରାଯାଇପାର୍‌ବା । ଇ ସମିଆ ଭିତ୍‌ରେ ଦୁଇପହରର୍ ଅଢ଼େଇ ବଜେନୁ ବେଲ୍‌ବୁଡ଼ର୍ ୫ ବଜେତକ୍ ସର୍ବସାଧାରଣ୍‌ଙ୍କର୍ ଲାଗି ରାଜଭବନ୍ ଉଦ୍ୟାନ୍ ପରିଦର୍ଶନ୍ ସମିଆ ଧାରିଜ୍ କରାଯାଇଛେ । ସ୍କୁଲ୍ ଛୁଆକର୍ ଲାଗି ଉଦ୍ୟାନ୍ ପରିଦର୍ଶନ୍ ସମୟ ସଖାଲର୍ ସାଢ଼େ ୮ ବଜେନୁ ଦିନର୍ ୧୦ ବଜେତକ୍ ରଖାଯାଇଛେ ।

ବର୍‌ଗଡ୍ ଧନୁଯାତ୍ରା        ବର୍‌ଗଡ୍ ସମ୍ବାଦଦାତା

ବର୍‌ଗଡ୍‌ର ବିଶ୍ୱପ୍ରସିଦ୍ଧ ଧନୁଯାତ୍ରା ମହୋତ୍ସବ୍‌ର ୬ ନମ୍ବର୍ ଦିନେ ଆଏଜ୍ ପ୍ରଶାସନିକ୍ ଅଧିକାରୀଙ୍କର୍ ସହେତେ ମହାରାଜ୍ କଂସଙ୍କର୍ ଜନତା ଦର୍‌ବାର୍, ଶଙ୍ଖଚୂଡ଼ଙ୍କୁ ଗୋପପୁର ପ୍ରେରଣ, ଗୋପପୁର ନ ଗୋପୀମାନ୍‌କର୍ ଦହିବିକା ଆର୍ ବସ୍ତ୍ରହରଣ୍ ବାଗିର୍ ଦୃଶ୍ୟ ଦେଖିବାର୍‌କେ ମିଲ୍‌ବା ।

ଗଲାକାଏଲ୍ ମହାରାଜ୍ କଂସ ହାତୀ ପିଠି ନ ବସିକରି ନଗର୍ ଭ୍ରମଣ୍ କରିଥିଲେ । ବିଶ୍ୱପ୍ରସିଦ୍ଧ ବର୍‌ଗଡ୍ ଧନୁଯାତ୍ରା ଗଲା ୭୭ ବରସ୍ ହେଲା ଆୟୋଜିତ୍ ହେଇଆସୁଛେ । ଇ ଅବ୍‌ସରେ ୧୧ ଦିନ୍ ଲାଗି ବର୍‌ଗଡ୍ ସହର୍ ମଥୁରା ଆର୍ ଅମାପାଲିକେ ଗୋପପୁର କରାଯାଇଛେ । ଧନୁଯାତ୍ରାର୍ କଲାକାର୍‌ମାନ୍‌କର୍ ନିଖୁଣ ଅଭିନୟ ଦର୍ଶକ୍‌ମାନ୍‌କୁ ଦ୍ୱାପର୍ ଯୁଗ୍‌କେ ନେଇଯାଏସି ।

ସାତକୋଶିଆ-ମଗର୍ ଗନ୍‌ନା ବୌଦ୍ଧ ସମ୍ବାଦଦାତା

ମହାନଦୀ ବନ୍ୟପ୍ରାଣୀ ବନାଂଚଲ୍‌ର ବୌଦ୍ଧ ଜିଲ୍ଲାର୍ ସାତକୋଶିଆ ଗଣ୍ଡ ନ କୁଶଙ୍ଗ ରେଞ୍ଜ୍ ତର୍‌ଫୁ ଇ ବଛର୍ ମଗର୍ ଗନ୍‌ନା ମୁଳ୍ ହେଇଛେ । ମାର୍‌ଡ଼ା ନୁ ଶୀତଲ୍‌ପାନି, ଶୀତଲ୍‌ପାନିନୁ ହର୍‌ଭଙ୍ଗା ଆର୍ ହର୍‌ଭଙ୍ଗାନୁ ଅଏଡ଼ା ତକ୍ ୩ ଟା ଟିମ୍ ୩ ଭାଗ୍ ନେଇକରି ଗଣ୍‌ନା କରୁଛନ୍ । ଇ ତିନ୍‌ହି ଟିମ୍‌ଥି ଫରେଷ୍ଟର୍, ମଗର୍ ବିଶେଷଜ୍ଞ ଆର୍ ୬ ଝନିଆ ସ୍କ୍ୱାର୍ଡ଼ ସାମିଲ୍ ଅଛନ୍ । ଇ ମଗର୍ ଗନ୍‌ତି କାମ୍ ୩ ଦିନ୍ ଧରିକରି ଚାଲ୍‌ବା ବଲିକରି ରେଞ୍ଜ୍ ଅଧିକାରୀ ସୂଚ୍‌ନା ଦେଇଛନ୍ ।

ଗଜସାଥୀ-ତାଲିମ୍ ଶିବିର ସମ୍ବଲ୍‌ପୁର୍ ସମ୍ବାଦଦାତା

ସମ୍ବଲ୍‌ପୁର୍ ପାଖରେ ଯୁଯୁମୁରା ସଦର୍ ବନାଂଚଲ୍ ଅଧିକାରୀଙ୍କର୍ କାର୍ଯ୍ୟାଳୟ ଠାନେ ଗଜସାଥୀଙ୍କର୍ ଦିନ୍‌କିଆ ତାଲିମ୍ ଶିବିର୍ ହେଇଯାଇଛେ । ବନାଂଚଲ୍ ଅଧିକାରୀ ହରିଶଙ୍କର୍ ନାୟକଙ୍କର୍ ଦେଖ୍‌ରେଖ୍‌ଥି ବନ ଅଧିକାରୀ ଆର୍ କର୍ମଚାରୀମାନେ ଯୋଗ୍ ଦେଇଥିଲେ ।

ନୂଆପଡ଼ା- ପଂଚାୟତ୍ ସମିତି ବୈଠକ୍    ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ବୋଡ଼େନ୍ ବ୍ଲକ୍ ପଂଚାୟତ୍ ସମିତି ଭବନ୍ ଠାନେ ପଂଚାୟତ୍ ସମିତି ବୈଠକ୍ ହେଇଯାଇଛେ । ବୈଠକ୍‌ଥି ଖଡ଼ିଆଲ୍ ବିଧାୟକ୍ ଅଧିରାଜ୍ ପାଣିଗ୍ରାହୀ ଯୋଗ୍ ଦେଇକରି ବିକାଶ୍‌ମୂଲକ୍ କାମ୍ ମାନ୍‌କୁ ଜଲ୍‌ଦି ସାର୍‌ବାର୍ ଲାଗି ଆହ୍ୱାନ୍ ଦେଇଛନ୍ । ସର୍‌କାରୀ ଯୋଜ୍‌ନା ଉପ୍‌ରେ ଆଲୋଚନା କରିକରି ସେମାନ୍‌କର୍ ସଫଲ୍ ରୂପାୟନ୍ ବାବ୍‌ଦେ ଆଲୋଚନା ହେଇଥିଲା ।

ଆଖି ପରୀକ୍ଷା ଶିବିର           ସୁବର୍ଣ୍ଣପୁର୍ ସମ୍ବାଦଦାତା

ସଡ଼କ୍ ସୁରକ୍ଷା ମାସ୍-୨୦୨୫ ଅବ୍‌ସରେ ସୁବର୍ଣ୍ଣପୁର୍ ଜିଲ୍ଲା ସ୍ଥାନୀୟ ବ୍ଲକ୍ ଛକ ନ ଆଖି ପରୀକ୍ଷା ଶିବିର ହେଇଥିଲା । କାର୍ଯ୍ୟକ୍ରମ୍‌କେ ସୁବର୍ଣ୍ଣପୁର୍ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ

ଡାକ୍ତର୍ ପ୍ରଦୀପ୍ ଗୁରୁ ଉଦ୍‌ଘାଟନ୍ କରିଥିଲେ । ଇ ଶିବିର୍‌ଥି ପାଖାପାଖି ୭୦ ଝନ୍‌କର୍ ଆଖି ପରୀକ୍ଷା କରାଯାଇଥିଲା । ସୁବର୍ଣ୍ଣପୁର୍ ଜିଲ୍ଲା ପରିବହନ୍ ବିଭାଗ୍ ଆର୍ ସୁବର୍ଣ୍ଣପୁର୍ ଜିଲ୍ଲା ଟ୍ରକ୍ ମାଲିକ୍ ସଂଘ ମିଶିକରି ଇ କାର୍ଯ୍ୟକ୍ରମ୍ କରିଥିଲେ ।

ସୁବର୍ଣ୍ଣପୁର୍ ଲୋକ୍‌ମହୋତ୍ସବ ସୁବର୍ଣ୍ଣପୁର୍ ସମ୍ବାଦଦାତା

ସୁବର୍ଣ୍ଣପୁର୍ ଲୋକ୍‌ମହୋତ୍ସବ୍ -୨୦୨୫ର ୩ ନମ୍ବର୍ ଦିନେ ଆଏଜ୍ 'ସଂସ୍କୃତି ଓ ସାମାଜିକ୍ ପ୍ରଗତି' ଶୀର୍ଷକ୍ ଗୁଟେ ଆଲୋଚନାଚକ୍ର ଅନୁଷ୍ଠିତ୍ ହେଇଯାଇଛେ । ଜିଲ୍ଲା ଗ୍ରନ୍ଥାଗାର୍ ସମ୍ମିଲନୀ କକ୍ଷ ଠାନେ ଅନୁଷ୍ଠିତ୍ ଇ ଆଲୋଚନା ଚକ୍ରଥି ସଂସ୍କୃତି ଗବେଷକ କେଶରଞ୍ଜନ୍ ପ୍ରଧାନ୍ ଆର୍ ଡକ୍ଟର୍ ପୁରୁଷୋତମ୍ ମିଶ୍ର ଯୋଗ୍ ଦେଇକରି ସଂସ୍କୃତି ସଭ୍ୟତା ଆର୍ ସାମାଜିକ୍ ପ୍ରଗତିକେ ଆଗ୍‌କେ ନେସି ବଲି କହିଛନ୍ । ଆଲୋଚନାଚକ୍ରଥି ସଂସ୍କୃତି ପ୍ରେମୀ, ବୁଦ୍ଧିଜୀବୀଙ୍କର୍ ସହେତେ ଛାତ୍ରଛାତ୍ରୀ ଅଂଶଗ୍ରହଣ୍ କରିଥିଲେ ।

ବଲାଙ୍ଗିର-ସିକେର୍‌ପାଟ୍ ମହୋତ୍ସବ୍ ବଲାଙ୍ଗିର ସମ୍ବାଦଦାତା

ବଲାଙ୍ଗିର୍ ଜିଲ୍ଲା ଗୁଡ଼୍‌ଭେଲା ବ୍ଲକ୍‌ର ଘୁନା ବିଜୁ ପଟ୍ଟନାୟକ୍ ଖେଲ୍‌ପଡ଼ିଆ ଠାନେ ଚାଲିଥିବା ୫ ଦିନିଆ ସିକେର୍‌ପାଟ୍

ମହୋତ୍ସବ୍ ଉଦ୍‌ଯାପିତ୍ ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି ଜିଲ୍ଲା ପରିଷଦ୍ ଅଧ୍ୟକ୍ଷା ମୁଖ୍ୟଅତିଥି ଭାବେ ଯୋଗ୍ ଦେଇଥିବାର୍ ବେଲେ ବହୁତ୍ ସିଆନ୍ ସୁଜନ୍ କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେଇକରି ଅଂଚଲ୍‌ର ପଂଚବାଦ୍ୟ ଲୋକ୍‌କଲା ସଂସ୍କୃତିର୍ ବିକାଶ୍ ଲାଗି ଲୋକ୍ କଲାପାନି ଭିଲ୍ ଯାଇଛନ୍ ଆର୍ ୪୮ ପାଟ୍ ଭିତ୍‌ରୁ ସିକେର୍‌ପାଟ୍ ଗୁଟେ ଆଏ ବଲି ମତ ଦେଇଛନ୍ । ଇନର୍ ସଂସ୍କୃତିକେ ଇ ମହୋତ୍ସବ୍ ବଂଚେଇକରି ରଖିବା ବଲି କାର୍ଯ୍ୟକ୍ରମ୍‌ଥି ଆଲୋଚନା ହେଇଥିଲା ।

ହକି ଇଣ୍ଡିଆ ଲିଗ୍ ଆର୍‌ଏନ୍‌ୟୁ /ସମ୍ବଲପୁର

ହକି ଇଣ୍ଡିଆ ଲିଗ୍ ନ ଆଏଜ୍ ୨ ଟା ମେଚ୍ ଖେଲାଯିବା । ରାଉର୍‌କେଲା ବିର୍ସାମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡ଼ିୟମ୍ ଠାନେ ଆଏଜ୍ ସଞ୍ଜ୍‌ବେଲା ୬ ବେଲା ଟିମ୍ ଗୋନାସିକା ଆର୍ ତାମିଲ୍‌ନାଡୁ ଡ୍ରାଗନ୍ସ ଭିତ୍‌ରେ ମେଚ୍ ଚାଲିଛେ । ୨ ନମ୍ବର୍ ମେଚ୍ ରାତିର୍ ୮ ବାଜିକରି ୧୫ ମିନିଟ୍‌ଥି ୟୁପି ରୁଦ୍ରାସ୍ ଆର୍ ହାଇଦ୍ରାବାଦ୍ ତୋଫାନ୍ସ ଭିତ୍‌ରେ ହେବା ।

ରାୟଗଡ଼ା ଡିଆର୍‌ଏମ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାୟଗଡ଼ା ରେଲ୍‌ମଣ୍ଡଲ୍ ଭାରତୀୟ ରେଲ୍‌ବାଇର୍ ୭୦ ନମ୍ବର୍ ରେଲ୍‌ମଣ୍ଡଲ୍ ହେଇଛେ । ଇ ରେଲ୍‌ମଣ୍ଡଲ୍ ଦକ୍ଷିଣ ଓଡ଼ିଶା ନ ରେଲ୍‌ବାଇ ବିକାଶ୍‌ର ତଦାରଖ୍ ଲାଗି କାମ୍ କର୍‌ବା । ବିଭାଗୀୟ ମୁଖ୍ୟାଲୟର୍ କାମ୍ ଜଲ୍‌ଦି ସାର୍‌ବାର୍ ଲାଗି ଆର୍ ଇ ଅଂଚଲ୍‌ର ରେଲ୍ ଭିତିଭୂମିର୍ ବିକାଶ୍‌କେ ସୁନିଶ୍ଚିତ୍ କର୍‌ବାର୍ ଲାଗି ଅମିତାଭ୍ ସିଂହଲ୍‌ଙ୍କୁ ନୂଆଁ ଡିଆର୍‌ଏମ୍ ଭାବେ ନିଯୁକ୍ତି ଦିଆୟାଇଛେ । ଇନ ଜନେଇ ଦିଆୟାଇପାରେ ଯେ, ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଗଲା ୬ ତାରିଖ୍ ଦିନ ଆଭାସୀ ଜରିଏ ରେଲ୍‌ମଣ୍ଡଲ୍‌ର ଭିତିପ୍ରସ୍ତର୍ ଥାପ୍‌ନା କରିଥିଲେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଆଏବା ୨୪ ଘଂଟା ଭିତ୍‌ରେ ପାଗ୍ ଶୁଖା ରହେବା । ଝାର୍‌ସୁଗୁଡ଼ା, ସୁନ୍ଦର୍‌ଗଡ୍ ଆର୍ କନ୍ଧମାଲ୍ ଜିଲ୍ଲା ନ ବହଲିଆ କୁହୁଡ଼ି ଦେଖାୟିବା । ଆଏବା ୩ ଦିନ୍ ତାପମାତ୍ରାଥି କେନ୍‌ସି ପରିବର୍ତନ୍ ନାଇଁ ହୁଏ ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ସୂଚ୍‌ନା ଦିଆୟାଇଛେ । ସେଆଡ଼େ ରାଜ୍ୟର୍ ସବୁନୁ କମ୍ ତାପମାତ୍ରା ୮ ଡିଗ୍ରୀ ସେଲ୍‌ସିଅସ୍ ରାଉର୍‌କେଲା ଆର୍ ଝାର୍‌ସୁଗୁଡ଼ା ନ ରେକର୍ଡ଼ କରାୟାଇଛେ ।